ସମାଜ'ର ୧୦୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ

ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
୦୪ ଅକ୍ଟୋବର ୨୦୨୬

ଜୟ ଜଗନ୍ନାଥ

ସମସ୍ତଙ୍କୁ ନମସ୍କାର ।

ଆଜି ଓଡ଼ିଶାର ଖବରକାଗଜ ଜଗତର ଅଗ୍ରଣୀ ଏବଂ ଏକ ଶତକ ସଂଗ୍ରାମର ମୂକସାକ୍ଷୀ ଦୈନିକ ଓଡ଼ିଆ ଦୈନିକ ଖବରକାଗଜ 'ସମାଜ' ର ୧୦୭ତମ ସ୍ୱନକ୍ଷତ୍ର ଉତ୍ସବ । ସମାଜ କେବଳ ଏକ ଖବରକାଗଜ ନୁହେଁ, ଏହା ଏକ ଅନୁଷ୍ଠାନ, ଏକ ବିଚାରଧାରା ।

'ସମାଜ' ଆମର ଏକ ଐତିହ୍ୟସମ୍ପନ୍ନ ଗଣମାଧ୍ୟମ । ୧୦୦ ବର୍ଷର ଯାତ୍ରା ସମାପ୍ତ କରି 'ସମାଜ' ଆଜି ଦ୍ୱିତୀୟ ଶତାବ୍ଦୀରେ ପାଦଦେଇ ସଫଳତାର ଗୋଟିକ ପରେ ଗୋଟେ ପାହାଚ ପାର ହୋଇ ଆଗକୁ ବଢ଼ି ଚାଲିଛି । କିନ୍ତୁ, ଏହି ସଫଳତାରେ ବି, ଏହି ଅନୁଷ୍ଠାନ ସାମ୍ବାଦିକତା ଓ ଖବର ପରିବେଷଣର ମୌଳିକ ନୈତିକତା ସହିତ ସାଲିସ କରି ନାହିଁ, ଯାହା ସବୁଠାରୁ ଉଲ୍ଲେଖନୀୟ ।

ଏହି ସ୍ୱତନ୍ତ୍ର ଅବସରରେ ମୁଁ 'ସମାଜ' ପରିବାର ଏବଂ ଏହାର ସମସ୍ତ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆଜିର ଏହି ବିଶେଷ ଦିନରେ ସମାଜର ପ୍ରତିଷ୍ଠାତା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମୋର ଭକ୍ତିପୂତ ପ୍ରଣାମ ଜଣାଉଛି ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

୧୯୧୯ ମସିହାରେ ସତ୍ୟବାଦୀର ବକୁଳବନରୁ  ଉତ୍କଳମଣୀଙ୍କ ମାନସପଟରେ ଯେଉଁ ଚେତନା ଜନ୍ମ ନେଇଥିଲା, ତାହା ଆଜି ବିଶାଳ ବଟ ବୃକ୍ଷରେ ପରିଣତ ହୋଇ ଓଡ଼ିଶା ଏବଂ ଓଡ଼ିଆ ଜାତିକୁ ଦିଗ୍‌ଦର୍ଶନ ଦେଇଆସୁଛି ।

ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ହେଉଛନ୍ତି ନିଷ୍କାମ ସେବାର ମାନବିକ ସ୍ୱରୂପ । ସେ ଯେତେବେଳେ 'ସମାଜ' ପ୍ରତିଷ୍ଠା କରିଥିଲେ, ତାଙ୍କର ମୂଳ ଲକ୍ଷ୍ୟ ଥିଲା ଦେଶସେବା, ସାମାଜିକ ନ୍ୟାୟ ଏବଂ ପରାଧିନତାର ଶୃଙ୍ଖଳରୁ ଓଡ଼ିଆ ଜାତିକୁ ମୁକ୍ତ କରିବା । ଏହି ମହାନ ନିଷ୍କାମ ସେବା ମନ୍ତ୍ରରେ ଦିକ୍ଷୀତ ହୋଇ ଆରମ୍ଭରୁ ହିଁ, ଏହି ସମ୍ବାଦପତ୍ର ଶୋଷିତ ଓ ନିଷ୍ପେଷିତ ଜନସାଧାରଣଙ୍କ ସ୍ୱର ପାଲଟିଥିଲା ।

'ସମାଜ'ର ଅନ୍ୟ ଏକ ବଡ ବିଶେଷତ୍ୱ ହେଉଛି, ଏହାର ସାମାଜିକ ଦାୟିତ୍ୱବୋଧ । ସମ୍ବାଦ ପରିବେଷଣ ସହିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପରୋପକାରୀ ଧାରାକୁ ବଜାୟ ରଖି ସମାଜସେବା କରିବା ଏହାର ଏକ ଅଭିନ୍ନ ଅଂଶ ।

ପ୍ରାକୃତିକ ବିପର୍ଯ୍ୟୟ ସହିତ ଅନ୍ୟାନ୍ୟ ବିପର୍ଯ୍ୟୟ, ଯେପରିକି ଘରପୋଡି ସମୟରେ ସମାଜ ଲୋକଙ୍କୁ ସହାୟତା ଦେଇଥାଏ । ଏବେ ତ ଅନେକ ଦାତବ୍ୟ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ଦିଗରେ କାମ କରୁଛନ୍ତି । ହେଲେ ସମାଜ, ଗୋପବନ୍ଧୁଙ୍କ ସମାଜସେବା ଜ୍ୟୋତିକୁ କେବେ ବି ଲିଭିବାକୁ ଦେଇ ନାହିଁ ।

ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିପରେ ସମାଜ ରିଲିଫ ପାଣ୍ଠି ସେତେବେଳେ ପୀଡିତଙ୍କୁ ସାହାଯ୍ୟ କରିବାରେ ଅଗ୍ରଣୀ ଭୂମିକା ତୁଲାଉଥିଲା ।

ମୁଁ ଆଶା କରୁଛି, ଏହି ଧାରାକୁ ସମାଜ ଆଗାମୀ ଦିନରେ ବଜାୟ ରଖିବ ।

ଗୋପବନ୍ଧୁଙ୍କ ପରେ ଏହି ମହାନ ପରମ୍ପରାକୁ ପଣ୍ଡିତ ଲିଙ୍ଗରାଜ ମିଶ୍ର, ରାଧାନାଥ ରଥଙ୍କ ଭଳି ମହାନ ବ୍ୟକ୍ତିତ୍ୱମାନେ ସମାଜକୁ ଆଗେଇ ନେବାରେ ଅତୁଳନୀୟ ଯୋଗଦାନ ଦେଇଛନ୍ତି ।

ବିଶେଷକରି ଡକ୍ଟର ରାଧାନାଥ ରଥ ସମ୍ପାଦକ ଭାବେ ଦୀର୍ଘ ବର୍ଷ ଧରି ସମାଜକୁ ଯେଉଁ ଦିଗ୍‌ଦର୍ଶନ ଦେଇଥିଲେ, ତାହା ଓଡ଼ିଆ ସାମ୍ବାଦିକତା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି ।

ବନ୍ଧୁଗଣ,

ସମ୍ବାଦପତ୍ରକୁ ଯଥାର୍ଥରେ କୁହାଯାଏ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ମଜବୁତ ସେତୁ ଭାବେ ସମ୍ବାଦପତ୍ର କାର୍ଯ୍ୟ କରିଥାଏ ।

ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ, ତୃଣମୂଳ ସ୍ତରର ସମସ୍ୟା, ଜନସାଧାରଣଙ୍କ ଦାବୀ ଓ ଅଭିଯୋଗକୁ ସରକାରଙ୍କ ଦୃଷ୍ଟିକୁ ଆଣିବାରେ 'ସମାଜ' ସଦାସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ପ୍ରାୟ ଦୁଇ ଦଶନ୍ଧିରେ ଖବର ପରିବେଷଣ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି । ଏହି ଶତାବ୍ଦୀର ପ୍ରାରମ୍ଭରେ ଚବିଶ ଘଣ୍ଟିଆ ଟେଲିଭିଜନ ଖବର ଏବଂ ଗତ ପ୍ରାୟ ଏକ ଦଶକର ଗଣମାଧ୍ୟମରେ ଖବର ପରିବେଷଣ ଏହି କ୍ଷେତ୍ରର ଦୃଶ୍ୟପଟକୁ ସଂପୂର୍ଣ୍ଣ ଭାବେ ପରିବର୍ତ୍ତନ କରି ଦେଇଛି । କିନ୍ତୁ, ଛପା ଖବର କାଗଜର ଲୋକପ୍ରିୟତାକୁ ଏହା ପ୍ରତିହତ କରି ପାରିନାହିଁ ।

ଆଜି ସୋସିଆଲ ମିଡିଆ ଓ ଇଣ୍ଟରନେଟ ଆସିବା ପରେ ସମ୍ବାଦ ପରିବେଷଣର ଶୈଳୀ ବଦଳିଛି । ଏହି ପରିବର୍ତ୍ତିତ ସମୟରେ ସତ୍ୟତା, ନିରପେକ୍ଷତା ଓ ନୈତିକତାକୁ ବଜାୟ ରଖିବା ସବୁଠାରୁ ବଡ ଆହ୍ୱାନ । ଟେଲିଭିଜନ ଖବର ବିଶେଷ ଭାବେ Noisy ହୋଇଥିବା ବେଳେ, ଗଣମାଧ୍ୟମରେ ଆଜିକାଲି ଖବର କମ, ମିଛ ଖବର, କୁତ୍ସାରଟନା ଅଧିକ ଚାଲୁଅଛି। ହେଲେ, ଆଜି ବି ଲୋକେ 'ତଥ୍ୟ-ଭିତ୍ତିକ' ଖବର ପାଇଁ ଛପା ଗଣମାଧ୍ୟମ ଉପରେ ଭରସା କରୁଛନ୍ତି ।

ଏହାର ସବୁଠାରୁ ବଡ ଉଦାହରଣ ହେଉଛି ମୁଁ ନିଜେ । ମୋର ଦିନ ଆରମ୍ଭ ହୋଇଥାଏ ସକାଳର ଖବର କାଗଜ ପଢାରୁ ।

କାର୍ଯ୍ୟବ୍ୟସ୍ତତା ହେତୁ ଯଦିଓ ମୁଁ ପ୍ରତ୍ୟେକ ଖବର ପଢିବାକୁ ସୁଯୋଗ ପାଇ ନ ଥାଏ, ହେଡଲାଇନ ସହିତ ସମ୍ପାଦକୀୟ ମୁଁ ନିଶ୍ଚିତ ଭାବେ ପଢିଥାଏ । କେବଳ ମୁଁ ନୁହେଁ, ମୋ ପରି ପ୍ରତ୍ୟେକ ରାଜନେତା ଓ ବରିଷ୍ଠ ଅଧିକାରୀଙ୍କ ଦିନ ଆରମ୍ଭ ହୋଇଥାଏ ଖବର କାଗଜ ପଢିବାରୁ ।

କିନ୍ତୁ, ଆଜି ଖବରକାଗଜମାନେ ମଧ୍ୟ ବ୍ୟବସାୟିକରଣ ଦିଗକୁ ଅଧିକ ଧ୍ୟାନ ରଖୁଛନ୍ତି । ଏହା ଫଳରେ ଅନେକ ସମୟରେ ପ୍ରକୃତ ଖବର ପଛକୁ ଚାଲିଯାଇ, Sensationalism ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି ।

ଅନେକ ସମୟରେ କେବଳ ଡାହା ମିଛ ଖବର ପରିବେଷଣ କରାଯାଉଛି, ଯାହାଫଳରେ ପରେ ସମ୍ବାଦପତ୍ରମାନେ ଦୁଃଖ ପ୍ରକାଶ କରୁଛନ୍ତି ।

କୁହାଯାଏ, ସମ୍ବାଦପତ୍ର ହେଉଛନ୍ତି ଗଣତନ୍ତ୍ରର ଛାୟା ବିରୋଧିଦଳ, କାରଣ ସେମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବିଭିନ୍ନ ଯୋଜନା ସହିତ ଲୋକଙ୍କ ପ୍ରସଙ୍ଗକୁ ଉତ୍ଥାପନ କରିଥାନ୍ତି, ଯାହା କରିବା ଉଚିତ ।

କିନ୍ତୁ, ଅନେକ ସମୟରେ ଦେଖା ଯାଉଛି ଯେ ଆଜିକାଲି ସମାଲୋଚନା କମ, କୁତ୍ସାରଟନା ଅଧିକ ହେଉଛି । ଏହି ସମାଲୋଚନା, ଆଜେଣ୍ଡାର ରୂପ ନେଉଛି ।

ତେଣୁ, ମୋତେ କହିବାରେ ସଙ୍କୋଚ ନାହିଁ ଯେ, ପୂର୍ବାପେକ୍ଷା ଗଣମାଧ୍ୟମର ବିଶ୍ୱସନୀୟତା ବହୁତ କମ ହୋଇ ଯାଇଛି ।

ମୁଁ ବିଶ୍ୱ ମିଡିଆ ରାଙ୍କିଙ୍ଗରେ ଦେଶର ସ୍ଥାନ ବିଷୟରେ କହିବାକୁ ଚାହୁଁନାହିଁ, ଆମର ବିଦେଶୀ ସଂଗଠନରୁ ସାର୍ଟିଫିକେଟର ଆବଶ୍ୟକତା ନାହିଁ ।

କିନ୍ତୁ, ଆପଣମାନେ ମଧ୍ୟ ଅନୁଭବ କରି ପାରୁଥିବେ ଯେ ଏଥିରେ କିଛି ସତ୍ୟତା ଅଛି। ଆମେ ଭୁଲିବା ଉଚିତ ନୁହେଁ ଯେ, ଭାରତୀୟ ଗଣମାଧ୍ୟମ, ବିଶେଷଭାବେ ଛପା ଗଣମାଧ୍ୟମର ଏକ ଅବିଶ୍ୱସନୀୟ ଟ୍ରାକ ରେକର୍ଡ ଅଛି ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ହେଉ କି ଏମେର୍ଜେନ୍ସି ସମୟରେ ହେଉ, ଭାରତୀୟ ଗଣମାଧ୍ୟମ କେବେ ବି ପ୍ରକୃତ ଓ ସତ୍ୟ ଖବର ପରିବେଷଣ କରିବା ପାଇଁ ପଛଘୁଞ୍ଚା ଦେଇ ନ ଥିଲା ।

ମୁଁ ଆଶା କରୁଛି, ଜାତୀୟ ତଥା ଓଡ଼ିଶାର ଗଣମାଧ୍ୟମ ଏହି ଦିଗରେ ଧ୍ୟାନ ଦେବେ ଏବଂ ଆଜେଣ୍ଡା ରହିତ ଲୋକଙ୍କ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିବେ ।

ଆନନ୍ଦର କଥା, ଆଜିର 'ଖବରର ବ୍ୟବସାୟିକରଣ' ଜଗତରେ 'ସମାଜ' ଏକ ବ୍ୟତିକ୍ରମ । ବିଗତ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ଅନେକ ଝଡଝଞ୍ଜା, ଉତ୍ଥାନ ପତନ ଓ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ 'ସମାଜ' ନିଜର ନୀତି ଓ ଆଦର୍ଶର ଚେରକୁ ଦୁର୍ବଳ ହେବାକୁ ଦେଇନାହିଁ । ମୋର ବିଶ୍ୱାସ ଅଛି, ଏହି ପରମ୍ପରା ଆଗକୁ ମଧ୍ୟ ଜାରି ରହିବ।

ବନ୍ଧୁଗଣ,

ଆଜି ଓଡ଼ିଶା ବିକାଶର ଏକ ନୂଆ ଯୁଗରେ ପ୍ରବେଶ କରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି, କ୍ରୀଡା, ସେମିକଣ୍ଡକ୍ଟର, AI ଓ କୃଷି କ୍ଷେତ୍ରରେ ଆମ ରାଜ୍ୟ ଆଜି ସାରା ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

ଗ୍ରାମାଞ୍ଚଳରୁ ଆରମ୍ଭ କରି, ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ନାଗରିକଙ୍କ ପାଖରେ ସେବା ପହଞ୍ଚାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଗ୍ରାମାଞ୍ଚଳର ବିକାଶ, ପ୍ରାଥମିକ ଶିକ୍ଷାର ସୁଦୃଢିକରଣ, ଯୁବବର୍ଗଙ୍କ ପାଇଁ ରୋଜଗାର, କ୍ରୀଡା ଭିତ୍ତିଭୂମିର ସଂପ୍ରସାରଣ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମ ସରକାର ବ୍ୟାପକ ଯୋଜନା ଏବଂ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

ଏହି ସମସ୍ତ ବିକାଶମୂଳକ କାର୍ଯ୍ୟର ସଠିକ୍ କାର୍ଯ୍ୟାନ୍ୱୟନରେ ସମ୍ବାଦପତ୍ର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଗୋପବନ୍ଧୁ ଥିଲେ ଗରିବ ଓ ଦୁଃଖୀଲୋକଙ୍କର  ଆପଣାର ମଣିଷ । ସେ ସମୟରେ ଯେତେବେଳେ ଲୋକ ବନ୍ୟାବାତ୍ୟାର ସମ୍ମୁଖୀନ ହେଉଥିଲେ, ତାଙ୍କର ଦୃଢ ଭରସା ଥିଲା ଯେ, ଆଉ କେହି ନ ହେଲେ ବି, ତାଙ୍କ ପାଖରେ ଗୋପବନ୍ଧୁ ତ ନିଶ୍ଚୟ ପହଞ୍ଚିବେ ।

ଆଜି ସମୟ ବଦଳିଛି । ଗରିବ ଲୋକଙ୍କ କଲ୍ୟାଣ ଓ ବିକାଶ ହେଉଛି ସରକାରଙ୍କ ମୁଖ୍ୟ ଦାୟିତ୍ୱ ।

ଓଡ଼ିଶାରେ ଆମ ସରକାର ଗଠନ ପରେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ ଆମ ସରକାର ଗରିବ ଲୋକଙ୍କ କଲ୍ୟାଣକୁ ପ୍ରାଧାନ୍ୟ ଦେଇ କାମ କରିଆସୁଛି । ରାଜ୍ୟରେ ଗରିବ ଲୋକଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ୫ କିଲୋ ଅଧିକ ଚାଉଳ ମାଗଣାରେ ଦିଆଯାଉଛି । ସମାଜର ଚାରି ବର୍ଗର ଲୋକଙ୍କ ଉନ୍ନତି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଝିଅମାନଙ୍କ ବିବାହ ପାଇଁ ସହାୟତା ଦିଆଯାଉଛି । ଝିଅ ଜନ୍ମ ହୋଇ ଶିକ୍ଷିତ ହେଲେ ସେଥିପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା କରାଯାଇଛି ।  ତା ସହିତ ଆବାସ ଯୋଜନାରେ ଘର ଦିଆଯାଉଛି ।

ଓଡ଼ିଶାରେ ଆମ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅତି ଗରିବ, ରୋଗୀ ଓ ଅସହାୟ ଲୋକଙ୍କୁ ଘର ଯୋଗାଇ ଦିଆଯାଉଛି ।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମ ରାଜ୍ୟ ଅନ୍ୟମାନଙ୍କ ତୁଳନାରେ ଯେଉଁ ସଫଳତା ହାସଲ କରିଛି, ତାହା ଅନନ୍ୟ । ଆଜି ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି 'କେଜି ରୁ ପିଜି' ପର୍ଯ୍ୟନ୍ତ ଶିକ୍ଷା ସଂପୂର୍ଣ୍ଣ ନିଃଶୁଳ୍କ । Universal Free Education କେବଳ ଓଡ଼ିଶାରେ ହିଁ କାର୍ଯ୍ୟକାରୀ କରାଯାଉଛି ।

ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟର ୮୦ ପ୍ରତିଶତରୁ ବି ଅଧିକ ଲୋକେ ବେସରକାରୀ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ପାଉଛନ୍ତି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରାଜ୍ୟର ପ୍ରାଥମିକ ଶିକ୍ଷା ଦୃଶ୍ୟପଟକୁ ସଂପୂର୍ଣ୍ଣ ଭାବେ ପରିବର୍ତ୍ତନ କରିବାକୁ ଯାଉଛି ।

ମଧୁବାବୁ ପେନସନ ଯୋଜନାରେ ଅନେକ ଲୋକ ଭତ୍ତା ପାଇଲେ ମଧ୍ୟ ଲକ୍ଷ ଲକ୍ଷ ଲୋକ ବଞ୍ଚିତ ହେଉଥିଲେ । ଆମ ସରକାର ସେ ସମସ୍ୟାକୁ ଦୂର କରିଛି । ଆମେ ନିଷ୍ପତ୍ତି ନେଇଛୁ ଯେ, ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ଦିଆଯିବ । ବର୍ତ୍ତମାନ ସୁଦ୍ଧା ୫ ଲକ୍ଷରୁ ଅଧିକ ଲୋକଙ୍କ ନାଁ ତାଲିକାଭୁକ୍ତ ହୋଇସାରିଲାଣି । ଯୋଗ୍ୟ ହିତାଧିକାରୀ ମାନେ ଭତ୍ତା ପାଇଁ ଏଣିକି ଆଉ ମାସ ମାସ ଧରି ଅପେକ୍ଷା କରିବେ ନାହିଁ । ଖୁବ୍ ଶୀଘ୍ର, ଭତ୍ତା ପାଇବେ ।

ଆମ ସରକାର ହେଉଛି, ଲୋକଙ୍କ ସରକାର । ବନ୍ୟା ବାତ୍ୟାରେ ମୁଁ, ଆମ ମନ୍ତ୍ରୀମାନେ ଓ ବିଧାୟକମାନେ ନିଜେ ଯାଇ ଲୋକଙ୍କ ପାଖରେ ପହଞ୍ଚୁଛୁ ଓ ସୁଖଦୁଃଖ ବୁଝୁଛୁ । ଗୋପବନ୍ଧୁଙ୍କ ଆଦର୍ଶ ଆମକୁ ଏଥିପାଇଁ ପ୍ରେରଣା ଯୋଗାଇ ଚାଲିଛି ।

ବନ୍ଧୁଗଣ,

୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ରଖିଛୁ । ଆମ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ଯୋଗଦାନ ଦରକାର । ଏକ ଟିମ୍ ଭାବେ  କାମ କରି ଆମେ ଏହି ଲକ୍ଷ୍ୟ ପୂରଣ କରିବୁ ।  ଗଣମାଧ୍ୟମର ସହଯୋଗ ମଧ୍ୟ ଆବଶ୍ୟକ । ଏ ଦିଗରେ ଏକ ଅଗ୍ରଣୀ ଓ ଦାୟିତ୍ୱବାନ ସମ୍ବାଦପତ୍ର ଭାବେ 'ସମାଜ'ର ଯୋଗଦାନ ନିରନ୍ତର ଜାରି ରହିବ ବୋଲି ମୋର ଦୃଢ ବିଶ୍ୱାସ ।

ପୁଣି ଥରେ ସମାଜର ସ୍ୱର୍ଣ୍ଣନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ।

ଧନ୍ୟବାଦ

(ମୁଖ୍ୟମନ୍ତ୍ରୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ,  ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଲୋକସେବକ ମଣ୍ଡଳର ସଭାପତି ଶ୍ରୀ ରାଜକୁମାର, ଲୋକସେବକ ମଣ୍ଡଳର ଉପ-ସଭାପତି ଶ୍ରୀ ଦୀପକ ମାଲବ୍ୟ, ଲୋକସେବକ ମଣ୍ଡଳର ସମ୍ପାଦକ ଶ୍ରୀ ରମାନାଥ ଝା, ସମାଜର ମୁଦ୍ରାକର ତଥା ପ୍ରକାଶକ ଶ୍ରୀ ରାଜେନ୍ଦ୍ର କୁମାର ଜେନା, ସମାଜର ସମ୍ପାଦକ ଶ୍ରୀ ବାମାପଦ ତ୍ରିପାଠୀ, ମୁଖ୍ୟ ପରିଚାଳକ ଶ୍ରୀ ଗୋପୀନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।)